ISSN: 2456-9194, Vol. IV, Issue. II, Sept 2020

ପ୍ରତ୍ୟୟ

(Journal of Odia Language, Culture and Science)

Journal Homepage:http://cphfs.in/research.php

# କବି ରଘୁନାଥ ଦାସ ଓ ରାମଲୀଳା

**ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ବାଲୁଗାଁ ମହାବିଦ୍ୟାଳୟ, ବାଲୁଗାଁ, ଖୋର୍ଦ୍ଧା

Email: rudrabindas2009@gmail.com

*ସଂକ୍ଷିପ୍ତ ସାର: ସମଗ୍ର ବିଶ୍ୱର ସାଂସ୍କୃତିକ ମାନସପଟ୍ଟରେ ରାମାୟଣ ପ୍ରସଙ୍ଗ ଏକ ବୈଚିତ୍ର୍ୟମୟ ବିଷୟ । ଯେବେଠାରୁ ଭାରତୀୟ ପୃଷ୍ଠଭୂମିରେ ରାମ ପ୍ରସଙ୍ଗର ଅୟମାରମ୍ଭ ହୋଇଛି, ସେବେଠାରୁ ରାମ କଥା ସମଗ୍ର ମାନବ ସଭ୍ୟତାରେ ଏକ ପରିବର୍ତ୍ତନୀୟ ନୂତନ ଦିଶାର ସୂତ୍ରପାତ କରିଛି । ସମ୍ପ୍ରତି ସମାଜରେ ରାମାୟଣୀୟ ମୂଲ୍ୟବୋଧର ପ୍ରାସଙ୍ଗିକତା ଅନସ୍ୱୀକାର୍ଯ୍ୟ । ଭାରତୀୟ ପ୍ରାଦେଶିକ ଭାଷାରେ ଯେତେବେଳେ ରାମକଥା ପ୍ରସଙ୍ଗକୁ ଭିତ୍ତି କରି ବିଭିନ୍ନ ସାହିତ୍ୟ ଶିଳ୍ପର ବିକାଶ ଘଟିଲା, ସେତେବେଳେ ଓଡ଼ିଆ ସାହିତ୍ୟ  ମଧ୍ୟ ଏହି ରାମ ଚରିତର ଯଶଗାନ କରିଛି । ଓଡ଼ିଆ ସାହିତ୍ୟରେ ରାମ ପ୍ରସଙ୍ଗ ଭିତ୍ତିକ ଯେତେ ସବୁ ସାହିତ୍ୟ ଶଳ୍ପ ନିର୍ମାଣ ହୋଇଛି ଏଥି ମଧ୍ୟରେ ରାମଲୀଳା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ରାମଲୀଳାତ୍ମକ କାବ୍ୟ ସୃଷ୍ଟିରେ ମୂଳ ଉଦ୍ଦେଶ୍ୟ ହେଉଛି ଅଭିନୟଧର୍ମିତା । ତେଣୁ ଏହାକୁ ଦୃଶ୍ୟକାବ୍ୟ ଭାବରେ ଅଭିହିତ କରାଯାଏ । ଉଭୟ ଦୃଶ୍ୟ ଏବଂ ଶ୍ରାବ୍ୟ ଚେତନା ମିଶ୍ରିତ ରାମଲୀଳା କାବ୍ୟ ଶିଳ୍ପ ଓଡ଼ିଆ ସାହିତ୍ୟ ଖ୍ରୀଷ୍ଟିୟ ଅଷ୍ଟାଦଶ ଶତାବ୍ଦୀରେ ଉନ୍ମୋଚିତ ହୁଏ। ଓଡ଼ିଆ ରାମଲୀଳାତ୍ମକ ଦୃଶ୍ୟକାବ୍ୟର ଜନକ କବି ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ'ହିଁ ଏହାର ଭିତ୍ତିଭୂମି । କବି ବିଶ୍ୱନାଥ ଖୁଣ୍ଟିଆଙ୍କ ରଚିତ ଏହି ଦୃଶ୍ୟକାବ୍ୟ ହିଁ ରାମ ପ୍ରସଙ୍ଗର ଅଭିନୟଧର୍ମିତାକୁ ଉଦ୍ଦେଶ୍ୟ କରି ଗଢି ଉଠିଥିଲା ।*

*ମୂଳ ଶବ୍ଦ :- ରାମାୟଣ, ରାମଲୀଳା, ଅଭିନୟଧର୍ମୀତା, ଦୃଶ୍ୟକାବ୍ୟ, ରଘୁନାଥ ଦାସ*

ଉତ୍କଳୀୟ ସାହିତ୍ୟରେ ରାମଚରିତ ପ୍ରସଙ୍ଗକୁ ଭିତ୍ତିକରି ଲୀଳାତ୍ମକ ଗ୍ରନ୍ଥ ଭାବରେ କବି ରଘୁନାଥ ଦାସଙ୍କ 'ରାମଲୀଳା' କାବ୍ୟଗ୍ରନ୍ଥଟି ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି ବୋଲି ମତ ରହିଛି । ଏ ସମ୍ପର୍କରେ ପଣ୍ଡିତ ନୀଳମଣି ମିଶ୍ର କୁହନ୍ତି –"କବି ରଘୁନାଥ ଦାସଙ୍କ 'ରାମଲୀଳା' ପୁସ୍ତକଟି ଓଡ଼ିଆ ରାମଲୀଳା ପର୍ଯ୍ୟାୟର ଦ୍ୱିତୀୟ ଲୀଳା । ପ୍ରସ୍ତୁତ ପୁସ୍ତକଟି ରାଜ୍ୟ ସଂଗ୍ରହାଳୟ ପୋଥି ଭଣ୍ଡାରରେ ସଂରକ୍ଷିତ ଙ.ଖ / ୫୦୭ ଓ ଙ.ଖ / ୫୦୮ ସଂଖ୍ୟକ ପୋଥିର ପାଠ ଉପରେ ପର୍ଯ୍ୟବେଶିତ । ଉପରୋକ୍ତ ଦୁଇଖଣ୍ଡି ତାଳପତ୍ର ପୋଥି ଖୁରୁଧା ଅନ୍ତର୍ଗତ ହରିଦ୍ରା ଦୁର୍ଗ ବା ହଳଦିଆଗଡ଼ର ରାଜାଙ୍କଠାରୁ ୧୯୫୮ ସାଲରେ ସଂଗୃହୀତ ହୋଇଛି । ପୋଥି ଦୁଇଟିର ମୋଟ ପତ୍ରସଂଖ୍ୟା ୩୨୬ ଏବଂ ପ୍ରତ୍ୟେକ ପତ୍ରରେ ୩/୪ ଧାଡ଼ି ଲେଖାଯାଇଛି।"(୧) ସର୍ବାଦୌ କବି ରଘୁନାଥ ଦାସଙ୍କ କୃତ 'ରାମଲୀଳା'କୁ ଓଡ଼ିଆ ରାମଚରିତମୂଳକ ଲୀଳାକାବ୍ୟର ଦ୍ୱିତୀୟ ପର୍ଯ୍ୟାୟ ବୋଲି କହିବାରେ କୌଣସି ସନ୍ଦେହ ନାହିଁ ।

କବି ରଘୁନାଥ ଦାସଙ୍କ 'ରାମଲୀଳା' ଗ୍ରନ୍ଥ ରଚନାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନିରୂପିତ ହୋଇପାରିନାହିଁ । ଏ ସମ୍ପର୍କରେ ପଣ୍ଡିତ ନୀଳମଣି ମିଶ୍ର କୁହନ୍ତି – "ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧରେ ବିଶି ରାମାୟଣ ରଚିତ ହୋଇଥିବାରୁ, ତା'ର ଅନୁକୃତି ସର୍ବତ୍ର ହୋଇଥିବା ଆଦୌ ଅସମ୍ଭବ ନୁହେଁ । ସେହି ପରିପ୍ରେକ୍ଷୀରେ ରଘୁନାଥ ସପ୍ତଦଶ ଶତାବ୍ଦୀର ଶେଷଦଶକ କିମ୍ବା ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଦ୍ୱିତୀୟ ଦଶକ ମଧ୍ୟରେ ରାମଲୀଳା ପୁସ୍ତକଟି ରଚନା କରିଥିବାର ଅନୁମାନ କରାଗଲେ ଅସମୀଚୀନ ହେବନାହିଁ ।"(୨) ଅନୁରୂପ ଭାବରେ ଏହିମତ ସହିତ ଏକମତ ହୁଅନ୍ତି ସାହିତ୍ୟିକ ଡ଼. ଗୋପାଳକୃଷ୍ଣ ଶ୍ରୀଚନ୍ଦନ, ଓଡ଼ିଶା ସାହିିତ୍ୟ ଏକାଡ଼େମୀର ମୁଖପତ୍ର 'କୋଣାର୍କ'ର ୮୭ତମ ସଂଖ୍ୟା (ଜାନୁଆରୀ-୧୯୯୩)ରେ 'ଖୋରଧା ରାଜବଂଶକାଳୀନ କବି ଓ କାବ୍ୟକୃତି' ଶୀର୍ଷକ ଆଲୋଚନାତ୍ମକ ପ୍ରବନ୍ଧରେ ସେ କବି ରଘୁନାଥ ଦାସଙ୍କ କୃତ 'ରାମଲୀଳା'ଗ୍ରନ୍ଥକୁ ଖ୍ରୀ.୧୭୨୦ ମଧ୍ୟରେ ରଚିତ ହୋଇଛି ବୋଲି ମତପୋଷଣ କରିଛନ୍ତି । ସେହିପରି ସାହିତ୍ୟିକ ଡ଼. ହେମନ୍ତ କୁମାର ଦାସ ମଧ୍ୟ ଏହାକୁ ଅଷ୍ଟାଦଶ ଶତାବ୍ଦୀର ରଚନା ବୋଲି ଗ୍ରହଣ କରିଛନ୍ତି ।

କବି ରଘୁନାଥ ଦାସଙ୍କ ବଂଶ ପରିଚୟର କୌଣସି ସୂଚନା ତାଙ୍କ ରଚିତ ରାମଲୀଳା କାବ୍ୟରେ ଦୃଷ୍ଟିଗୋଚର ହୁଏନାହିଁ। ପଣ୍ଡିତ ନୀଳମଣି ମିଶ୍ର

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ 'ରାମଲୀଳା-ଦ୍ୱିତୀୟଭାଗ'ର ସଂପାଦକୀୟ ଭୂମିକାରେ ଏକଥା ସ୍ପଷ୍ଟ ଉଲ୍ଲେଖ କରି କୁହନ୍ତି ଯେ, ରାଜ୍ୟ ସଂଗ୍ରହାଳୟ ପୋଥି ଭଣ୍ଡାରରେ ସଂରକ୍ଷିତ ଢ.ଖ / ୫୦୭ ଓ ଢ.ଖ / ୫୦୮ ସଂଖ୍ୟକ ପୋଥିର ଶେଷ ପତ୍ରରେ ରହିଛି – "ଶ୍ରୀ ସୀତାରାମ ଉଧ(ଦ୍ଧ)ରିବେ ଅଧମ ଲେଖକାର ସଂକୁଳି ପଟ୍ଟନାୟକଙ୍କୁ । ଶ୍ରୀ ରାହୁତୀ ଠାକୁରାଣୀ ରକ୍ଷା କରିଥିବେ ଅଧମ ଲେଖକାର(କୁ) ବୋଲି ଗୋଟିଏ କ୍ଷୁଦ୍ର ପୁଷ୍ପିକା ରହିଛି ।"(୩) ଅର୍ଥାତ୍ ପୁଷ୍ପିକାରୁ କେବଳ ଲେଖନକାର ଓ ତାଙ୍କର ଇଷ୍ଟଦେବୀଙ୍କ ନାମ ମାତ୍ର ମିଳୁଛି । କିନ୍ତୁ ଲେଖନକାରଙ୍କ ସମୟ ସମ୍ବନ୍ଧରେ କୌଣସି ସୂଚନା ମିଳୁନାହିଁ । ପୋଥିର ଲେଖନ ଶୈଳୀରୁ, ଲେଖନକାର ସଂକୁଳି ପଟ୍ଟନାୟକ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୋଥିଟି ନକଲ କରିଥିବାର ଅନୁମାନ କରାଯାଇପାରେ ।

କିନ୍ତୁ ଅନ୍ୟ ପକ୍ଷରେ କବି ରଘୁନାଥ ଦାସଙ୍କ ବଂଶ ପରିଚୟ ସମ୍ପର୍କରେ ଅବଗତ ହେବାକୁ ଗଲେ ତାଙ୍କର ଅଗାଧ ପାଣ୍ଡିତ୍ୟକୁ ଦୃଷ୍ଟିଦେବାକୁ ହୁଏ । କବି ରଘୁନାଥ କେବଳ ରାମଲୀଳା ଗ୍ରନ୍ଥର ପ୍ରଣେତା ନଥିଲେ, ସେ ଥିଲେ ଅନେକ କାବ୍ୟଗ୍ରନ୍ଥର ସ୍ରଷ୍ଟା । ଏ ସମ୍ପର୍କରେ ପଣ୍ଡିତ ନୀଳମଣି ମିଶ୍ର କୁହନ୍ତି – "କବି ରଘୁନାଥ ଦାସ ଜଣେ ସଂସ୍କୃତ ବିଦ୍ୱାନ ତଥା ବହୁ ଗ୍ରନ୍ଥ ଓ ଟୀକାର ପ୍ରଣେତା ରୂପେ ସେ ଯୁଗରେ ପ୍ରଖ୍ୟାତି ଅର୍ଜନ କରିଥିଲେ । ତାଙ୍କର କାବ୍ୟିକ ପ୍ରତିଭା, ବ୍ୟାକରଣ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ, ଦର୍ଶନଶାସ୍ତ୍ରରେ ବିଚକ୍ଷଣତା, ଜ୍ୟୋତିଷ, ଆୟୁର୍ବେଦ ଓ ଧର୍ମଶାସ୍ତ୍ରରେ ବିଦ୍‌ବତ୍ତା, ଛନ୍ଦଶାସ୍ତ୍ରରେ ପାରଗତା, ତନ୍ତ୍ରଶାସ୍ତ୍ରରେ ନିପୁଣତା ତଥା ବଙ୍ଗଳା ଓ ଓଡ଼ିଆ ଭାଷାରେ ପ୍ରତ୍ୟୁତ୍ପନ୍ନମତିତା ଲକ୍ଷ୍ୟକଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ।"(୪)

ପଣ୍ଡିତ ରଘୁନାଥ ଦାସ ବହୁ ଶାସ୍ତ୍ରରେ ବିଦ୍ୟା ଅର୍ଜନ କରି ପିତୃପିତାମହଙ୍କ ଗୌରବ ଅକ୍ଷୁଣ୍ଣ ରଖିବାରେ ସମର୍ଥ ହୋଇଥିଲେ । ତାଙ୍କ ପୁସ୍ତକଗୁଡ଼ିକରୁ ଦୃଢ ଧାରଣା କରିହୁଏ ଯେ, ରଘୁନାଥ ଦାସ ଜୀବନବ୍ୟାପୀ ଅଧ୍ୟବସାୟ କରି ବହୁ ଶାସ୍ତ୍ରରେ ଜ୍ଞାନାର୍ଜନ କରିଥିଲେ । ସେହି ଜ୍ଞାନରାଜିକୁ ସର୍ବସାଧାରଣରେ ବିତରଣ କରିବା ଲାଗି ସେ ପ୍ରତ୍ୟେକ ବିଭାବ ଉପରେ ଖଣ୍ଡିଏଖଣ୍ଡିଏ ପୁସ୍ତକ ଲେଖି ସଂସ୍କୃତର ଗ୍ରନ୍ଥଭଣ୍ଡାରକୁ ସମୃଦ୍ଧ କରିଛନ୍ତି । କବି ରଘୁନାଥଙ୍କ ଅନେକ ସାରଗର୍ଭକ ସୃଷ୍ଟି ସମୂହ ମଧ୍ୟରେ 'ଉତ୍ପ୍ରେକ୍ଷା ତରଙ୍ଗିଣୀ' ନାମକ ସଂସ୍କୃତ ଗ୍ରନ୍ଥରୁ ତାଙ୍କ ପିତାଙ୍କ ନାମ ବାସୁଦେବ ଥିଲା ବୋଲି ଜଣାପଡେ ।

"ତତଃ ପିତା ମେଽଜନି ବାସୁଦେବଃ

ନୃସିଂହ ସେବା ପ୍ରଶମସ୍ତ କାମଃ ।

ଧୀରଃ ସୁଶାନ୍ତ ସ ପୁରାଣ ବକ୍ତା

ନୀଳାଚଳେ ମୌକ୍ତିକମଣ୍ଡପେ ଯଃ ।"

ଏଥିରୁ ସ୍ପଷ୍ଟ ଭାବରେ ଧାରଣା କରିହୁଏ ଯେ, ରଘୁନାଥ ଦାସଙ୍କ ପିତା ବାସୁଦେବ ନୃସିଂହ ଭଗବାନଙ୍କ ସେବକ ଥିଲେ ଏବଂ ନିଜେ ମଧ୍ୟ ସେହି ପରମ୍ପରାରେ ଅନୁପ୍ରାଣିତ ହୋଇ ନରହରି ନୃସିଂହଙ୍କୁ ଭକ୍ତିପୂର୍ବକ ପ୍ରଣାମ କରି ଗ୍ରନ୍ଥ ରଚନା କରୁଥିଲେ ।

ସେହିପରି କବିଙ୍କ ଅନ୍ୟ ଏକ ବିଶିଷ୍ଟ ସଂସ୍କୃତ ଗ୍ରନ୍ଥ 'ସାହିତ୍ୟ ଭୂଷଣ'ରେ ତାଙ୍କ ମାତାଙ୍କ ନାମ ସହିତ ନିଜ ବାସସ୍ଥାନ ଓ ପୃଷ୍ଠପୋଷକଙ୍କ ନାମ ଉଲ୍ଲେଖ କରିଛନ୍ତି । ସେଥିରୁ ଜଣାଯାଏ – ରଘୁନାଥ ଦାସଙ୍କ ମାତାଙ୍କ ନାମ ଥିଲା ଅମ୍ବିକା ଦେବୀ ଏବଂ ସେ ପ୍ରାଚୀ ନଦୀ ଉତ୍ତର ଦିଗରେ ଥିବା 'ସାଇଲୋ' ବିଷୟ ଅନ୍ତର୍ଗତ ଗଡ଼ଗଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପ୍ରାଚୀନ କାଳରେ ଗଙ୍ଗ ରାଜବଂଶ ଦ୍ୱାରା ଗଡ଼ଗଡାଠାରେ ଗୋଟିଏ ଦୁର୍ଗ ନିର୍ମାଣ କରାଯାଇଥିଲା ଏବଂ ସେଠାରେ ଚକ୍ରଧର ନାମକ ଦୁର୍ଗାଧିପତି ବାସ କରୁଥିଲେ । ଖୁବ୍ ସମ୍ଭବତଃ ସେହି ରାଜବଂଶ ଚକ୍ରଧର ଥିଲେ କବି ରଘୁନାଥଙ୍କର ପୃଷ୍ଠପୋଷକ । ଅନ୍ୟ ସେ ଚକ୍ରଧରଙ୍କ ନାମ ସ୍ୱଗ୍ରନ୍ଥରେ ଉଲ୍ଲେଖ କରିନଥାନ୍ତେ । ଯଥା –

"ଚୋଣ୍ଡିନ୍ୟ କୁଳ ଜାତନେ ବାସୁଦେବାମ୍ବିକା ଭୁବା ।

ସାହିତ୍ୟଭୂଷଣମିଦଂ ରଘୁନାଥେନ ତନ୍ୱତେ ।

ଔଡ୍ରେ ନିବୃତ୍ତି ସାଇଲୋ ବିଷୟକେ ପ୍ରାଚ୍ୟୁଭରସ୍ୟାଂ ଦିଶି ।

ଗ୍ରାମୋ ଯତ୍ତିଦ୍ଧି ରାଜତେ ଗଡ଼ଗଡା ନାମୋ ଚିରାତ୍ ପାଳିତଃ।

ନାମ୍ନା ଚକ୍ରଧରେଣ ଦୁର୍ଗ ବିଳସଦ୍ ଗଙ୍ଗେଶ୍ୱରଃ ସ୍ଥାୟିନା

ତତ୍ରସ୍ଥଂ ରଘୁନାଥ ନାମ ବିଦିତଂ ବିଦ୍ର ନୃସିଂହୋଽବତୁ ।"

କବିଙ୍କ ବର୍ଣ୍ଣିତ ପ୍ରାଚୀନଦୀ କୂଳସ୍ଥିତ ଗଡ଼ଗଡା ଗ୍ରାମଟି ଆଧୁନିକ ସୁନ୍ଦର ଗ୍ରାମ ଅନ୍ତର୍ଗତ 'ଗରଗରା' ନାମରେ ଖ୍ୟାତ । ଏହି ଗ୍ରାମରେ ଅଦ୍ୟାପି କୌଣ୍ଡିନ୍ୟ ଗୋତ୍ରଜ ବ୍ରାହ୍ମଣ ଅବସ୍ଥାନ କରୁଛନ୍ତି । ସେମାନଙ୍କର ଇଷ୍ଟଦେବ ରୂପେ ଲକ୍ଷ୍ମୀନୃସିଂହ ତଥା ରାଧାକୃଷ୍ଣ ବିଗ୍ରହ ପୂଜିତ ହେଉଛନ୍ତି ।

'ସାହିତ୍ୟ ଭୂଷଣ'ର ପୁଷ୍ପିକାରେ କବି ରଘୁନାଥ ଦାସଙ୍କର ସମୟ ସମ୍ବନ୍ଧରେ ଏକ ଉଲ୍ଲେଖଯୋଗ୍ୟ ଉଦ୍ଧୃତ ରହିଛି । ସେଥିରୁ ଜଣାଯାଏ ଯେ, କବି ରଘୁନାଥ ସେହି ପୁସ୍ତକଟିକୁ ଖୁରୁଧା ରାଜବଂଶର ଗଜପତି ରାଜା ହରେକୃଷ୍ଣ ଦେବଙ୍କ ଦ୍ୱିତୀୟ ଅଙ୍କ ଅର୍ଥାତ୍; ରାଜତ୍ୱର ପ୍ରଥମ ବର୍ଷ ଶ୍ରାବଣ ମାସ ଶୁକ୍ଳପକ୍ଷ ନବମୀ ବୃହସ୍ପତି ବାରରେ ଶେଷ କରିଥିଲେ; ଯଥା-

"ଶ୍ରୀମଦ୍ ହରିକୃଷ୍ଣ ଦେବସ୍ୟ ଦ୍ୱିତୀୟେଽଙ୍କେ ଶ୍ରାବଣେ ମାସି ଶୁକ୍ଳପକ୍ଷ ନବ୍ୟାମଂ ବୃହସ୍ପତି ବାସରେ ରଘୁନାଥ ଦାଶେନ ଲିଖିତ ମିଦଂ ପୁସ୍ତକମ୍ ।"(୫)

ଖୁରୁଧା ଭୋଇ ରାଜବଂଶରେ ଜଣେ ମାତ୍ର ହରେକୃଷ୍ଣ ଦେବ ରାଜତ୍ୱ କରିଥିଲେ । ଗଜପତି ଦିବ୍ୟସିଂହ ଦେବ (୧ମ)ଙ୍କ ପରେ ଖୁରୁଧା ରାଜସିଂହାସନରେ ହରେକୃଷ୍ଣ ଦେବ ଖ୍ରୀ:ଅ ୧୭୧୬-୧୭୨୦ ପର୍ଯ୍ୟନ୍ତ ମାତ୍ର ସାତଅଙ୍କ ଭୋଗ କରି ଅକାଳରେ ମୃତ୍ୟୁବରଣ କରିଥିଲେ । ତାଙ୍କର ଦ୍ୱିତୀୟଅଙ୍କ ୧୭୧୬ ମସିହା ମେ ମାସ ୯ ତାରିଖରେ ଆରମ୍ଭ ହୋଇଥିଲା । ହରେକୃଷ୍ଣ ଦେବଙ୍କ ଦୁଇଅଙ୍କ ଶ୍ରାବଣ ମାସ ଶୁକ୍ଳପକ୍ଷ ନବମୀ ଗୁରୁବାର ଖ୍ରୀଷ୍ଟାବ୍ଦ ୧୭୧୬ ଜୁଲାଇ ୨୮ ତାରିଖରେ ପଡ଼ିଥିଲା ।

"ସାହିତ୍ୟଭୂଷଣ ପରି ଖଣ୍ଡିଏ ଦୁରୁହ ଅଳଙ୍କାର ଗ୍ରନ୍ଥ ଲେଖିବାକୁ ହେଲେ, କବି ନିଶ୍ଚିତ ଭାବରେ ପରିଣତ ବୟସରେ ଉପନୀତ ହୋଇଥିବାରୁ ଅନୁମାନ କରାଯାଇପାରେ । ସେତେବେଳେ କବି ରଘୁନାଥ ଦାସଙ୍କୁ ଚାଳିଶରୁ

ପଚାଶ ବର୍ଷ ବୟସ ହୋଇଥିଲେ, କବିଙ୍କ ଜନ୍ମ ସମୟ ଖ୍ରୀଷ୍ଟାବ୍ଦ ୧୬୬୫ରୁ ୧୬୭୫ ମଧ୍ୟରେ ହେବା ଅସମୀଚୀନ ମନେ ହୁଏନାହିଁ । ଏହି ଗ୍ରନ୍ଥ ରଚନାର କିଛି ଦିନ ପରେ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୭୩୦ ମଧ୍ୟରେ କବି ପ୍ରଥମେ ରାମଲୀଳା ଓ ପରେ କୃଷ୍ଣଲୀଳାତ୍ମକ ପୁସ୍ତକ 'ଭୁବନମଙ୍ଗଳ' ରଚନା କରିଥିବା ଅସମ୍ଭବ ନୁହେଁ ।"(୬)

"ଐତହାସିକ ସ୍ୱର୍ଗୀୟ କେଦାରନାଥ ମହାପାତ୍ର ସର୍ବପ୍ରଥମେ ରଘୁନାଥ ଦାସଙ୍କ ସମ୍ବନ୍ଧରେ Descriptive Catalogue of Sanskrit Mass Vol.Iରେ ଆଲୋଚନା କରିଥିଲେ । ସ୍ୱର୍ଗତ ମହାପାତ୍ରଙ୍କର 'ରଘୁନାଥ ଦାସ'ଙ୍କ ସମ୍ବନ୍ଧୀୟ ଆଲୋଚନା Descriptive Catalogue of Sanskrit Mass Vol.II ଏବଂ Orissa Historical research Journal ସ୍ୱତନ୍ତ୍ର ସଂଖ୍ୟା ୧୯୮୨ରେ ପ୍ରକାଶ ପାଇଛି । ସ୍ୱର୍ଗତ ମହାପାତ୍ର ରଘୁନାଥ ଦାସଙ୍କ ସମ୍ବନ୍ଧରେ ସୁଚିନ୍ତିତ ମତ ଦେଇ ଲେଖିଛନ୍ତି – "Raghunatha Dasa of Orissa was a celebrated author of many Sanskrit works, × × He was a native of village Gadagada near the Prachi river in the Sailo circle of Orissa. × × He seems to be a Prolitic writer as he continued his literary persuits for a long period of about Forty years (C.1710-1750 A.D.) After the discovery of the works on different subjects, he can now be regarded as one of the great Sanskrit writers of Orissa, who made worthy contribution to this literature. (Orissa Historical Research Jounrnal, special Volume, P.299)."(7)

କବି ରଘୁନାଥ ଦାସଙ୍କ ଅଗାଧ ପାଣ୍ଡିତ୍ୟ ବିଶେଷ ଭାବରେ ତାଙ୍କ ରଚିତ ସଂସ୍କୃତ ଗ୍ରନ୍ଥଗୁଡ଼ିକରୁ ସ୍ପଷ୍ଟ ପ୍ରମାଣିତ ହୁଏ । ଏଯାବତ୍ ରଘୁନାଥ ଦାସଙ୍କ ନାମରେ ଭଣିତା ହୋଇଥିବା ଯେତେଖଣ୍ଡି ପୁସ୍ତକ ଗବେଷକମାନଙ୍କ ଗୋଚରକୁ ଆସିଛି, ସେଗୁଡ଼ିକ ମଧ୍ୟରେ –

୧. ନ୍ୟାୟ ରତ୍ନାବଳୀ

୨. ସିଦ୍ଧାନ୍ତ ସଂଗ୍ରହ

୩. ସାହିତ୍ୟ ଭୂଷଣ

୪. ଉତ୍ପାତ ତରଙ୍ଗିଣୀ

୫. ବର୍ଦ୍ଧମାନ ପ୍ରକାଶ

୬. କାରକ ନିର୍ଣ୍ଣୟ

୭. କାତନ୍ତ୍ର ବିସ୍ତାରାପେକ୍ଷ ନିଗୂଢାର୍ଥ ପ୍ରକାଶନ

୮. ଶ୍ରାଦ୍ଧ ନିର୍ଣ୍ଣୟ

୯. କାଳ ନିର୍ଣ୍ଣୟ

୧୦. ବନଦୁର୍ଗା ପୂଜା

୧୧. ଆୟୁର୍ବେଦ କଳ୍ପଲତା

୧୨. ଲୀଳାବତୀ

୧୩. ବୃତ୍ତାବଳୀ ଇତ୍ୟାଦି ।

ସେହିପରି ପଣ୍ଡିତ ରଘୁନାଥଙ୍କ ଲିଖିତ ସାହିତ୍ୟ ଭୂଷଣ ଗ୍ରନ୍ଥରୁ ଜଣାଯାଏ ଯେ 'ରାବଣବଧ ମହାକାବ୍ୟ' ନାମରେ ଏକ କାବ୍ୟଗ୍ରନ୍ଥର ମଧ୍ୟ ସେ ସ୍ରଷ୍ଟା ଅଟନ୍ତି । ଏତତ୍‌ବ୍ୟତୀତ 'ସଂସ୍କୃତ ମଞ୍ଜରୀ', 'ସ୍ୱନିୟମ ଦଶକ' ମଧ୍ୟ କବିଙ୍କ ରଚିତ ଗ୍ରନ୍ଥ ବୋଲି ପ୍ରମାଣ ମିଳୁଛି । କବିଙ୍କ ଦ୍ୱାରା ରଚିତ କେତେକ ସଂସ୍କୃତ ମହାକାବ୍ୟର ଟୀକା ଗ୍ରନ୍ଥର ପ୍ରମାଣ ମଧ୍ୟ ଦେଖିବାକୁ ମିଳେ । ଯଥା ଭଟ୍ଟିଟୀକା, ରଘୁବଂଶଟୀକା, ମାଘଟୀକା, ନଳୋଦୟଟୀକା ଓ ଅମରକୋଷ ଟୀକା ପ୍ରଭୃତି ରାଜ୍ୟ ସଂଗ୍ରହାଳୟ ପୋଥି ଭଣ୍ଡାରରେ ସଂରକ୍ଷିତ ରହିଛି ।

କବି ରଘୁନାଥ ଦାଶ 'ଭୁବନ ମଙ୍ଗଳ' ନାମରେ ଏକ କୃଷ୍ଣଚରିତ ମୂଳକ ଗ୍ରନ୍ଥ ବଙ୍ଗଳା ମିଶା ଓଡ଼ିଆରେ ରଚନା କରିଥିବାର ପ୍ରମାଣ ମିଳେ । ଏହାଏକ କୃଷ୍ଣଲୀଳା ଭିତ୍ତିକ ରଚନା । ସେହିପରି 'ରାମଲୀଳା' ଗ୍ରନ୍ଥ କବିଙ୍କର ଏକ ଅନବଦ୍ୟ କୃତି । ରାମଲୀଳା ଗ୍ରନ୍ଥ ବ୍ୟତୀତ 'ଗୁରୁଭକ୍ତି ଚିନ୍ତାମଣି', 'ପିଣ୍ଡ ବ୍ରହ୍ମାଣ୍ଡଗୀତା' ଓ 'ରାହାସଛାନ୍ଦ' ପ୍ରଭୃତିର ରଚୟିତା ଭାବେ କବି ପରିଚିତ ।

1. **ରାମଲୀଳା :**

କବି ରଘୁନାଥ ଦାସଙ୍କ ରଚିତ 'ରାମଲୀଳା' ଗ୍ରନ୍ଥଟି ଓଡ଼ିଆ ଲୀଳା ସାହିତ୍ୟରେ ଖଣ୍ଡିଏ ଅନବଦ୍ୟ ଗ୍ରନ୍ଥ । ସଂସ୍କୃତ ସାହିତ୍ୟରେ ଅଗାଧଜ୍ଞାନ ଅର୍ଜନ କରିଥିବା ଜଣେ ଧୂରୀଣ ବିଦ୍ୱାନ କିପରି ଏତେ ସରଳ, ସାବଲୀଳ ତଥା ସୁଗେୟ ଛନ୍ଦରେ ଲୀଳା ପୁସ୍ତକଟିଏ ଲେଖିଲେ, ତାହା 'ରାମଲୀଳା' ପୁସ୍ତକଟିକୁ ପାଠକେ ପାଠ ନକଲେ ଆଦୌ ବିଶ୍ୱାସ କରିବେ ନାହିଁ ।

କବି ରଘୁନାଥ ପୂର୍ଣ୍ଣମାତ୍ରାରେ ଏହି ଲୀଳା ପୁସ୍ତକଟିକୁ ଯାତ୍ରା ଉଦ୍ଦେଶ୍ୟରେ ରଚନା କରିଥିବା କଥା ସେ ନିଜେ ତାଙ୍କର ଏହି କାବ୍ୟରେ ଉଲ୍ଲେଖ କରିଛନ୍ତି । ଅନୁମାନ ବସତଃ, ତତ୍‌କାଳୀନ ସମୟରେ ରାମଲୀଳାର ବିକାଶ ଦିଗରେ କବି ରଘୁନାଥଙ୍କର ଏହି ପ୍ରୟାସ ପୂର୍ଣ୍ଣତଃ ସଫଳତା ଅର୍ଜନ କରିବା ସହ ସମାଜ ହସ୍ତରେ ଏହାକୁ ଅର୍ପଣ କରିଛନ୍ତି । ସେ କୁହନ୍ତି –

"ଯେହୁ ରାମାୟଣ ଗ୍ରନ୍ଥ ସାର ।

ଉମା ଆଗେ କହିଲେ ଶଙ୍କର ।।

ଯେହା କହିବାକୁ କର୍ତ୍ତବ୍ୟ କାହାର,

ରାମ ନାମ ମାତ୍ର ହେତୁକର ହେ ସୁଜନେ ।

ଯାତ୍ରା ପାଇଁ କଲି ନୃତ୍ୟ ରସ

ସାଧୁଜନେ ନ ଘେନ ମୋ ଦୋଷ ।

ଯାତ୍ରା ହୋଇବ ପରମ ରସମୟ

ଯେହା ଶୁଣି ସର୍ବେ ହୁଅ ତୋଷ ହେ ସୁଜନେ । (ଆଦ୍ୟକାଣ୍ଡ – ୨ୟ ଛାନ୍ଦ)

ସଂପୂର୍ଣ୍ଣ ଯାତ୍ରା ଉଦ୍ଦେଶ୍ୟରେ ରଚିତ କବି ରଘୁନାଥ ଦାସଙ୍କର ଏହି ଲୀଳାତ୍ମକ କାବ୍ୟଟି ରାମ ଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଛି । ମୂଳ ଆର୍ଷରାମାୟଣ ଅନୁସାରେ ଏହା ଆଦ୍ୟକାଣ୍ଡଠାରୁ ଲଙ୍କାକାଣ୍ଡ ପର୍ଯ୍ୟନ୍ତ ରହିଛି । କିନ୍ତୁ, ଉତ୍ତରାକାଣ୍ଡର ବର୍ଣ୍ଣନା ନାହିଁ । ଏହି ରାମଜନ୍ମଠାରୁ

ରାମାଭିଷେକ ପର୍ଯ୍ୟନ୍ତ ବର୍ଣ୍ଣନାନୁସାରେ ଯେଉଁ ପ୍ରସଙ୍ଗ ସବୁ ରହିଛି କବି ରଘୁନାଥ ଦାସ କେଉଁ ରାତ୍ରୀରେ କେଉଁ କେଉଁ ପ୍ରସଙ୍ଗଗୁଡ଼ିକ ଅଭିହିତ ହେବ ତାହାର ବିଭାଗୀକରଣ ମଧ କରାଇଛନ୍ତି । ଏହି ସବୁ ପ୍ରସଙ୍ଗକୁ ସେ ନାଟକର ସୂତ୍ରଧର ମୁଖରେ କୁହାଇଛନ୍ତି, ଯାହାସବୁ ଗୋଟିଏଗୋଟିଏ ଗୀତରେ ରୂପପାଇଛି । ଯଥା –

"ପରଶୁରାମଙ୍କୁ ଜିଣି ରାଘବ ।

ଅଯୋଧ୍ୟା ବିଜେ ଅତି ସମ୍ଭବ ।

ରଘୁନାଥ ଦାସ ରାମ ଚିନ୍ତି କହେ,

ଆଜ ନୃତ୍ୟେ ଯେତେକ ହୋଇବ ହେ ସୁଜନେ ।"

ଏହିପରି କବି ସମୁଦାୟ ରଚନାଟିକୁ ପ୍ରଥମ ଦିନ ନାଟ, ଦ୍ୱିତୀୟ ଦିନ ନାଟ, ତୃତୀୟ ଦିନ ନାଟ, ଚତୁର୍ଥ ଦିନ ନାଟ ପ୍ରଭୃତିରେ ବିଭକ୍ତ କରିଛନ୍ତି ।

କବି ରଘୁନାଥ ଦାସ ସ୍ୱରଚିତ ରାମଲୀଳା କାବ୍ୟଟିକୁ ରାମାୟଣୀୟ ପରମ୍ପରା ଅନୁସାରେ 'କାଣ୍ଡ'ରେ ବିଭକ୍ତ ନକରି ସମଗ୍ର କୃତିଟିକୁ କେତୋଟି 'ଲୀଳା'ରେ ବିଭକ୍ତ କରିଛନ୍ତି । ପଣ୍ଡିତ ନୀଳମଣି ମିଶ୍ରଙ୍କ ଦ୍ୱାରା ସଂପାଦିତ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ କରିଥିବା ରାମଲୀଳା ଦ୍ୱିତୀୟଭାଗ ପୁସ୍ତକଟି ହିଁ କବି ରଘୁନାଥ ଦାସଙ୍କ ରାମଲୀଳା କାବ୍ୟ । ଏହାକୁ ଆଧାର କରି ପୁସ୍ତକଟିକୁ ବିଭାଜନ କଲେ ଏହିପରି ଅଛି । ଯଥା- ଜନ୍ମଲୀଳା, ବିଭାଲୀଳା, ଅଯୋଧ୍ୟାକାଣ୍ଡ-ସୁନ୍ଦରାକାଣ୍ଡ-ସେତୁବନ୍ଧ ମଙ୍ଗଳ, ଲଙ୍କାକାଣ୍ଡ ପ୍ରଥମଲୀଳ-ଅଷ୍ଟାବଧାନୀଲୀଳା, ଲଙ୍କା ଦ୍ୱିତୀୟଲୀଳା, ଶକ୍ତିଭେଦ ଲୀଳା, ରାବଣବଧ ଲୀଳା ଓ ଅଭିଷେକଲୀଳା ।

କବିଙ୍କ ରାମଲୀଳା କାବ୍ୟଟିର ପ୍ରାରମ୍ଭିକ ମଙ୍ଗଳାଚରଣଠାରୁ ଆରମ୍ଭ କରି କାବ୍ୟର ଶେଷ ପର୍ଯ୍ୟନ୍ତ ସମୁଦାୟ ଏକଶହ ନବେ (୧୯୦)ଟି ଗୀତର ସମାହାର ଘଟିଛି । ନାଟ୍ୟରଚନା ରୀତିରେ ଗୀତ ସହ ସଂଳାପ ପୂର୍ବକ ବଚନିକା ମାଧ୍ୟମରେ ମଧ ସଂଗୀତ ସୃଷ୍ଟି କରିଛନ୍ତି । ତେଣୁ ଗୀତ ଏବଂ ବଚନିକା ମିଶି ସମୁଦାୟ ଏକଶହ ନବେ ଗୀତରେ ଏକ ନାଟ୍ୟ ଉଦ୍ଦିଷ୍ଟ ଲୀଳାକାବ୍ୟ ରଚନା କରିବାରେ କବି ରଘୁନାଥ ଦାସ ସଫଳତା ଅର୍ଜନ କରିପାରିଛନ୍ତି । କବିଙ୍କ ରଚିତ ଗୀତଗୁଡ଼ିକ ଅତ୍ୟନ୍ତ ଦୀର୍ଘ ରଚନା । ଗୀତଗୁଡ଼ିକ ବିଭିନ୍ନ ପାରମ୍ପରିକ ଭାରତୀୟ ଏବଂ ଉତ୍କଳୀୟ ଶାସ୍ତ୍ରୀୟ ରାଗରେ ସମୋନ୍ୱିତ । ଏହି ପରିପ୍ରେକ୍ଷୀରେ କବିଙ୍କ ରାମଲୀଳା କାବ୍ୟଟିର 'ଲୀଳା'ଭିତ୍ତିକ ବିଭାଗୀକରଣର କିଛି ପ୍ରାସଙ୍ଗିକ ସଂକ୍ଷିପ୍ତ ଆଲୋଚନା ମନେହୁଏ –

### 2. ଜନ୍ମଲୀଳା :

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ଏବଂ ପଣ୍ଡିତ ନୀଳମଣି ମିଶ୍ରଙ୍କ ସଂପାଦିତ କବି ରଘୁନାଥ ଦାସଙ୍କ ରାମଲୀଳା କାବ୍ୟଟିର ପ୍ରାରମ୍ଭରୁ ରହିଛି ମଙ୍ଗଳାଚରଣ । ସର୍ବପ୍ରଥମେ ରାମଙ୍କ ଚରଣବନ୍ଦନାରୁ ଆରମ୍ଭ ହୋଇଛି କାବ୍ୟଟିର ଜୟଯାତ୍ରା –

"ଜୟ ଜୟ ରଘୁନାଥ ଜୟ ଚାପଧାରୀ ।

ନୀଳୋତ୍ପଳ ସୁନ୍ଦର ମର୍କତ – ତନୁ ରହିହେ ।୧।।

ଧନ୍ୟ ଧନ୍ୟ ଦଶରଥ ଅଯୋଧ୍ୟାନଗରୀ ।

ସେ ନଗର ଲୋକେ ପୂର୍ବେ କି ତପସ୍ୟା କରି ଯେ ।୨।।

x x x

ବଉଦରୂପେ ବିଜୟ କରି ନୀଳଗିରି ।

ମଉନେ ବସିଛି ମ୍ଳେଛମାନଙ୍କୁ ଉଦ୍ଧରି ଯେ ।୮।।

ଏବଂଭୂତ ରାମପାଦ ହୃଦେ ଧ୍ୟାନ କରି ।

ରଘୁନାଥ ଦାସ ବୋଲେ ଭବୁ ହେବି ପାରି ହେ ।୧୦।। (ମଙ୍ଗଳାଚରଣ)

ଉପରୋକ୍ତ ମଙ୍ଗଳାଚରଣଟି ମଙ୍ଗଳଗୁଜ୍ଜରୀ ରାଗରେ ରଚିତ ଏବଂ ଏହି ଗୀତଟି ଅରଣ୍ୟକାଣ୍ଡରେ ଅବିକଳ ଭାବରେ ରହିଛି ବୋଲି ପଣ୍ଡିତ ମିଶ୍ର ଦର୍ଶାଇଛନ୍ତି, ଯେଉଁ ରାମଲୀଳାଟି କବିଙ୍କର ଅଦ୍ୟାପି ଅପ୍ରକାଶିତ । କିନ୍ତୁ, ଏହାର ମୂଳପାଠ ରାଜ୍ୟ ସଂଗ୍ରହାଳୟ ଙ.ଖ. ୫୦୮ ପୋଥିରୁ ସଂଗୃହୀତ ହୋଇଥିବାର ପଣ୍ଡିତ ମିଶ୍ର ମତପ୍ରକାଶ କରିଛନ୍ତି ।

ଏହି ପ୍ରାରମ୍ଭିକ ଜନ୍ମଲୀଳା ପ୍ରସଙ୍ଗରେ କବି ଗୀତ ଏବଂ ବଚନିକା ସହ ସର୍ବମୋଟ ୧୪ ଗୋଟି ଗୀତର ସମାବିଷ୍ଟ କରିଛନ୍ତି । ଶିବ-ପାର୍ବତୀଙ୍କ କଥପୋକଥନରୁ ପ୍ରସଙ୍ଗର ଉନ୍ମୋଚନ ଘଟି ରାମ-ଲକ୍ଷ୍ମଣ, ଭରତ ଏବଂ ଶତ୍ରୁଘ୍ନଙ୍କ ଜନ୍ମ ପରେ ରାମାୟଣୀୟ ବିଷୟବସ୍ତୁ ଅବଲମ୍ବନରେ ରାକ୍ଷସୀ ତାଡ଼କାର ବିନାଶ ପରେ ମହର୍ଷି ବିଶ୍ୱାମିତ୍ରଙ୍କର ରାମ-ଲକ୍ଷ୍ମଣଙ୍କ ସହଯୋଗରେ ଯାଗ ରକ୍ଷା ହୋଇଛି । ଏହିଠାରେ କବି ରଘୁନାଥ ଦାସଙ୍କ ପ୍ରାଥମିକ ଜନ୍ମଲୀଳା ପ୍ରସଙ୍ଗର ପରିସମାପ୍ତି ପରେ ଆରମ୍ଭ ହୋଇଛି 'ବିଭାଲୀଳା'ର ପ୍ରସଙ୍ଗ ।

### 3. ବିଭାଲୀଳା :

ବିଭାଲୀଳା ପ୍ରସଙ୍ଗରେ କବି ଗୀତ ଏବଂ ବଚନିକା ସହ ମୋଟ ୨୧ଗୋଟି ଗୀତକୁ ସଂଯୋଜିତ କରିଛନ୍ତି । ଯଦିଓ କବି ଏହାକୁ କାଣ୍ଡରେ ବିଭକ୍ତିକରଣ ନକରି 'ଲୀଳା' ଭାଗରେ ଦର୍ଶାଇଛନ୍ତି । ତେବେ ଏହା ରାମାୟଣର ମୂଳ ପ୍ରସଙ୍ଗାନୁସାରେ ଆଦ୍ୟକାଣ୍ଡର ଅନ୍ତର୍ଗତ । ସିଦ୍ଧ ବନରେ ରାକ୍ଷସ-ରାକ୍ଷସୀଙ୍କ ଉପଦ୍ରବ ଦ୍ୱାରା ବାରମ୍ବାର ଋଷିକୁଳଙ୍କ ଯଜ୍ଞଭଙ୍ଗକୁ ରକ୍ଷା କରିବା ଉଦ୍ଦେଶ୍ୟରେ ମହର୍ଷି ବିଶ୍ୱାମିତ୍ର ଶ୍ରୀରାମ-ଲକ୍ଷ୍ମଣଙ୍କ ସହାୟତାରେ ରାକ୍ଷସୀ ତାଡ଼କାର ବିନାଶ, ରାକ୍ଷସ ସୁବାହୁର ବିନାଶ ଏବଂ ମାରିଚକୁ ପବନାସ୍ତ୍ରରେ ଉଡ଼ାଇଦେବା ପରେ ମିଥିଳା ନରେଶ ଜନକଙ୍କ ଧନୁଭଙ୍ଗ ଉତ୍ସବରେ ଯୋଗଦେବା ଉଦ୍ଦେଶ୍ୟରେ ଶିଷ୍ୟ ଶ୍ରୀରାମ - ଲକ୍ଷ୍ମଣଙ୍କୁ ସାଥୀରେ ନେଇଯିବା ପରେ ପ୍ରସଙ୍ଗକ୍ରମେ ସେଠାରେ ବିଭାଲୀଳା କାର୍ଯ୍ୟ ଅନୁଷ୍ଠିତ ହୋଇଛି ଏବଂ ଏହି ବିଭାଲୀଳା ପ୍ରସଙ୍ଗଟିକୁ କବି ରଘୁନାଥ ଦାସ ପରିସମାପ୍ତି କରିଛନ୍ତି ବିବାହ କାର୍ଯ୍ୟ ସଂପନ୍ନ ପରେ ଅଯୋଧ୍ୟା କଟକରେ ନାନାଦି ବିଧିର ସଂପାଦନ ହୋଇଛି । ଏହାପରେ ଆରମ୍ଭ ହୋଇଛି ଶ୍ରୀରାମ ବନବାସଲୀଳା ।

### 4. ଶ୍ରୀରାମ ବନବାସ ଲୀଳା :

ଶ୍ରୀରାମ ବନବାସ ଲୀଳା ପ୍ରସଙ୍ଗରେ କବି ସମୁଦାୟ ୧୯ ଗୋଟି ଗୀତର ସମାବିଷ୍ଟ କରିଛନ୍ତି । ଏହା ମୂଳ ରାମାୟଣର ପ୍ରସଙ୍ଗାନୁସାରେ ଅଯୋଧ୍ୟାକାଣ୍ଡର ବିଷୟବସ୍ତୁ । କବି ରଘୁନାଥ ଦାସ ଏହି ଶ୍ରୀରାମ ବନବାସ ଲୀଳା ପ୍ରସଙ୍ଗରେ ମୋଟ ୧୯ଗୋଟି ଗୀତର ସମାବିଷ୍ଟ କରିଛନ୍ତି । ଅଯୋଧ୍ୟା ନରେଶ ଦଶରଥ ଏକଦା ଶ୍ରୀରାମଙ୍କୁ ଯୁବରାଜ ପଦ ସମର୍ପଣ କରିବା ଉଦ୍ଦେଶ୍ୟରେ ନିଜର ପରିଷଦବର୍ଗ ଘେନି ବିଚାର ବିମର୍ଷରୁ ଉକ୍ତ ପ୍ରସଙ୍ଗର ଅବତାରଣା ଘଟିଛି ଏବଂ ପରବର୍ତ୍ତୀ ସମୟରେ ଶ୍ରୀରାମ-ଲକ୍ଷ୍ମଣ-ସୀତାଙ୍କ ବନବାସ ଯାତ୍ରା ହେବା ଫଳରେ ଚିତ୍ରକୂଟ ଗିରି ନିକଟରୁ ଭରତ ଶ୍ରୀରାମଙ୍କ ପାଦୁକା ଆଣି ରାଜ୍ୟ ପ୍ରତିପାଳନ କରିବା ପରେ ଶ୍ରୀରାମ-ଲକ୍ଷ୍ମଣ-ସୀତା ଋଷି ଭରଦ୍ୱାଜଙ୍କ ଆଶ୍ରମରେ ରାତ୍ରଯାପନ କରିବା ସମୟରେ ହିଁ ଉକ୍ତ ପ୍ରସଙ୍ଗର ପରିସମାପ୍ତି ହୋଇ ପରବର୍ତ୍ତୀ ଅରଣ୍ୟକାଣ୍ଡ ପ୍ରସଙ୍ଗରେ ଅବତାରଣା ଘଟିଛି ।

### 4.1. ଅରଣ୍ୟକାଣ୍ଡ ନାଟ :

ଏହି ପ୍ରସଙ୍ଗରେ କବି ସମୁଦାୟ ୫୪ଟି ଗୀତର ସମାବିଷ୍ଟ କରିଛନ୍ତି । ପୂର୍ବ ପ୍ରସଙ୍ଗ କ୍ରମେ ଭରତ ଶ୍ରୀରାମଙ୍କ ପାଦୁକା ନେଇ ଫେରିଯିବା ପରେ ଶ୍ରୀରାମ-ଲକ୍ଷ୍ମଣ-ସୀତା ପରବର୍ତ୍ତୀ ସମୟରେ ଅନେକ ଋଷିଙ୍କ ଆଶ୍ରମ ଦେଇ ବନବାସ ଯାତ୍ରା କାଳରେ ଅତ୍ରିଋଷିଙ୍କ ଆଶ୍ରମରୁ ସୀତା ଅନସୂୟାଙ୍କଠାରୁ ଅମଳାନ ବସ୍ତ୍ର ପ୍ରାପ୍ତ ହେବା ପ୍ରଭୃତି ବିଷୟ ପରେ ଦଣ୍ଡକାରଣ୍ୟ ଅଭିମୁଖେ ଯାତ୍ରା କରିଛନ୍ତି ଏବଂ ଏହି ପ୍ରସଙ୍ଗ ଗତିମୁଖର ହୋଇ କ୍ରମେ ପଞ୍ଚବଟୀବନରେ ଶ୍ରୀରାମଙ୍କ କୂଟୀର ନିର୍ମାଣ, ସୂପଣଖାର ନାସାକର୍ଣ୍ଣ ଛେଦନ, ରାମଲକ୍ଷ୍ମଣଙ୍କ ଦ୍ୱାରା ରାକ୍ଷସ ଖର ଦୂଷଣ ନିହତ, ମାୟାମୃଗ ରଚନା କରି ରାବଣର ସୀତାଚୋରୀ, ସୀତା ଅନୁସନ୍ଧାନେ ଶ୍ରୀରାମ-ଲକ୍ଷ୍ମଣଙ୍କ ଜଟାୟୁ ସହିତ ଭେଟ ପ୍ରଭୃତି ରୋଚକପୂର୍ଣ୍ଣ ଘଟଣାମାନ ସ୍ଥାନ ପାଇଛି ।

କବି ରଘୁନାଥ ଦାସଙ୍କ ନାଟ ଉଦ୍ଦେଶ୍ୟରେ ରଚିତ ଏବଂ ପ୍ରତି ରାତ୍ରିରେ କେଉଁ କେଉଁ ପ୍ରସଙ୍ଗ ପରିବେଷଣ କରାଯିବ, ତାହାର ଯେଉଁ ବିଭାଗୀକରଣ କରିଛନ୍ତି ସେଥିମଧ୍ୟରୁ ଉକ୍ତ ଅରଣ୍ୟକାଣ୍ଡ ନାଟ ଅନ୍ୟତମ । ଠିକ୍ ଅରଣ୍ୟକାଣ୍ଡ ନାଟର ପରବର୍ତ୍ତୀ ପର୍ଯ୍ୟାୟରେ 'ଚତୁର୍ଥଦିନ ନାଟ' ନାମରେ ଆଉ ଏକ ଦିନର ନାଟ ପରିବେଷଣ ନିମିତ୍ତ ଯେଉଁ ପ୍ରସଙ୍ଗରେ ଅବତାରଣା ଘଟିଛି ତାହା କିଷ୍କିନ୍ଧାକାଣ୍ଡ ବିଷୟବସ୍ତୁ ଅନ୍ତର୍ଗତ । ଅର୍ଥାତ୍, ଶ୍ରୀରାମ-ଲକ୍ଷ୍ମଣଙ୍କ ଋଷ୍ୟମୂକ ପର୍ବତରେ ସୁଗ୍ରୀବଙ୍କ ସହିତ ସନ୍ଧି ଏବଂ ମିତ୍ରପଣ ସ୍ଥାପନ ସହିତ ହନୁମାନାଦି ଅଷ୍ଟସେନାଙ୍କର ସହଯୋଗ ଫଳରେ ସୀତାଙ୍କୁ ଖୋଜିବାହାର କରିବାରେ ଶ୍ରୀରାମ ପ୍ରୟାସୀ । ଇତିମଧ୍ୟରେ ଶ୍ରୀରାମଙ୍କ ଦ୍ୱାରା ବାଳୀ ନିହତ ହେବା ସହ ପରବର୍ତ୍ତୀ ସମୟରେ ସୀତା ଅନୁସନ୍ଧାନରେ ଅଷ୍ଟସେନା ଦକ୍ଷିଣାଭିମୁଖୀ ହୋଇ ବିନ୍ଧ୍ୟଗିରି ପରେ ସଂପାତି ସହିତ ଭେଟହେବା ସ୍ଥାନରେ କବି ରଘୁନାଥ ଦାସ ଉକ୍ତ କିଷ୍କିନ୍ଧାକାଣ୍ଡ ଶେଷ ହେବାର ସୂଚନା ପ୍ରଦାନ କରିଛନ୍ତି ଏବଂ ପରବର୍ତ୍ତୀ ପ୍ରସଙ୍ଗ 'ସୁନ୍ଦରାକାଣ୍ଡ'ର ଆରମ୍ଭ ଘଟିଛି ।

### 4.2. ସୁନ୍ଦରାକାଣ୍ଡ :

ଏହି ପ୍ରସଙ୍ଗରେ କବି ସମୁଦାୟ ୧୪ ଗୋଟି ଗୀତ ଓ ବଚନିକାର ପ୍ରୟୋଗ କରିଛନ୍ତି । ବିନ୍ଧ୍ୟଗିରି ଶିଖର ପ୍ରଦେଶରୁ ସଂପାତ୍ତିର ସହାୟତାରେ ହନୁମାନ ଲଙ୍କା ଅଭିମୁଖେ ସମୁଦ୍ରପଥରେ ବିକ୍ରମଗତିରେ ଉଡ଼ିବା ପ୍ରସଙ୍ଗକୁ 'ସୁନ୍ଦରାକାଣ୍ଡ' ପ୍ରସଙ୍ଗର ଆରମ୍ଭ ହୋଇ ହନୁମାନଙ୍କ ଦ୍ୱାରା ସମୁଦ୍ର ପଥରେ ସିଂହିକା ରାକ୍ଷସୀର ବିନାଶ, ନାଗମାତା ସୁରାସାଙ୍କ ସହିତ ଯୁଦ୍ଧ, ହନୁମାନଙ୍କ ଲଙ୍କାରେ ପ୍ରବେଶ ଏବଂ ଲଙ୍କଦେବୀଙ୍କ ସହିତ ଯୁଦ୍ଧ, ଅଶୋକବନରେ ସୀତାଙ୍କ ସହ ହନୁର ସାକ୍ଷାତ, ହନୁ ଦ୍ୱାରା ରାବଣର ମଧୁବନ ଭଗ୍ନ, ହନୁହସ୍ତରେ ରାବଣର କନିଷ୍ଠ ପୁତ୍ର ଅକ୍ଷୟକୁମାର ବିନାଶ, ଇନ୍ଦ୍ରଜିତ ଦ୍ୱାରା ହନୁ ବ୍ରହ୍ମକାଳ ଫାଶରେ ବନ୍ଧନ ହୋଇ ରାବଣ ସମ୍ମୁଖରେ କଥୋପକଥନ, ହନୁଦ୍ୱାରା ଲଙ୍କା ଅଗ୍ନିଗ୍ରାସ, ହନୁ ସୀତାଙ୍କ ମଥାମଣି ଧରି ଶ୍ରୀରାମଙ୍କ ନିକଟରେ ପ୍ରବେଶ, ହନୁଠାରୁ ସୀତାଙ୍କ ଅନୁସନ୍ଧାନର ସତ୍ୟାସତ୍ୟ ଅବଗତ ହୋଇ ବାନରଙ୍କ ଦ୍ୱାରା ସେତୁବନ୍ଧ ନିର୍ମାଣ ଏବଂ ଶ୍ରୀରାମ-ଲକ୍ଷ୍ମଣଙ୍କ ସହ ସର୍ବେ ଲଙ୍କାର ସୁବଳୟା ପର୍ବତରେ ଉପସ୍ଥିତ ହୋଇ ଶିବିର ସ୍ଥାପନ କରିବା ସ୍ଥାନରେ କବି ରଘୁନାଥ ଦାସ ସୁନ୍ଦରାକାଣ୍ଡ ପ୍ରସଙ୍ଗର ପରିସମାପ୍ତି କରି ପରବର୍ତ୍ତୀ ଲଙ୍କାକାଣ୍ଡ ପ୍ରସଙ୍ଗର ଅବତାରଣା କରିଛନ୍ତି ।

### 4.3. ଲଙ୍କାକାଣ୍ଡ ପ୍ରଥମ ଯୁଦ୍ଧ - ଅଷ୍ଟାବଧାନୀ ଲୀଳା :

ଏହି ଅଷ୍ଟାବଧାନୀ ଲୀଳାଠାରୁ କବି ମୂଳ ରାମାୟଣର ପ୍ରସଙ୍ଗାନୁସାରେ ଲଙ୍କାକାଣ୍ଡର ବିଷୟବସ୍ତୁ ଆରମ୍ଭ କରେ । କବି ରଘୁନାଥ ଦାସ ଉକ୍ତ କାଣ୍ଡରେ ସମୁଦାୟ ୬୮ଟି ଗୀତର ପ୍ରୟୋଗ କରିଛନ୍ତି । ଉକ୍ତ କାଣ୍ଡକୁ ପ୍ରତ୍ୟେହ ପରିବେଷଣ ଦୃଷ୍ଟିରୁ ମୋଟ ପାଞ୍ଚ ଭାଗରେ ବିଭକ୍ତ କରିଛନ୍ତି । ଯଥା- ଅଷ୍ଟାବଧାନୀ ଲୀଳା (ପ୍ରଥମ ଲୀଳା), ଦ୍ୱିତୀୟ ଲୀଳା, ଶକ୍ତିଭେଦ ଲୀଳା, ରାବଣବଧ ଲୀଳା ଏବଂ ଅଭିଷେକ ଲୀଳା।

ଅଷ୍ଟାବଧାନୀ ପ୍ରଥମ ଲୀଳାରେ ରାମସେନା ଏବଂ ରାବଣସେନା ମଧ୍ୟରେ ପ୍ରାଥମିକ ଯୁଦ୍ଧର ପରିସ୍ଥିତି ଉପୁଜିଛି । ଏହି ଯୁଦ୍ଧରେ ରାବଣର ଅଗଣିତ ସୈନ୍ୟଙ୍କର ମୃତ୍ୟୁ ଘଟିଛି । କବି ରଘୁନାଥ ଦାସ ଉକ୍ତ ଅଷ୍ଟାବଧାନୀ ଲୀଳାରେ ମୋଟି ୧୧ଟି ଗୀତର ଅବତାରଣା କରିଛନ୍ତି ।

ଦ୍ୱିତୀୟ ଲୀଳାରେ କବି ୧୧ଟି ଦୀର୍ଘ ଗୀତର ପ୍ରୟୋଗ କରିଛନ୍ତି । ମୁଖ୍ୟତଃ ଭାବରେ ଉକ୍ତ ଲୀଳାରେ କୁମ୍ଭକର୍ଣ୍ଣ ବଧ ପ୍ରସଙ୍ଗ ଏବଂ ଇନ୍ଦ୍ରଜିତ ବଧ ପ୍ରସଙ୍ଗ ବର୍ଣ୍ଣନା ରହିଛି ।

ତୃତୀୟତଃ ଶକ୍ତିଭେଦ ଲୀଳାରେ କବି ୮ଟି ଗୀତକୁ ସମାବିଷ୍ଟ କରି ରାବଣ ଦ୍ୱାରା ବୀର ଲକ୍ଷ୍ମଣ ଶକ୍ତିଭେଦରେ ମୋହଗ୍ରସ୍ତ ହେବା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ।

ଚତୁର୍ଥ ପର୍ଯ୍ୟାୟର 'ରାବଣବଧ ଲୀଳା'ରେ କବି ମୋଟ ୯ଟି ଗୀତଦ୍ୱାରା ଉକ୍ତ ପ୍ରସଙ୍ଗଟିକୁ ବର୍ଣ୍ଣନା କରିଛନ୍ତି ।

କବି ରଘୁନାଥ ଦାସଙ୍କ କୃତ ରାମଲୀଳା ସୃଷ୍ଟିରେ ଶେଷ ଲୀଳାଟି ହେଉଛି ଅଭିଷେକ ଲୀଳା । ଉକ୍ତ ପ୍ରସଙ୍ଗରେ କବି ମୋଟ ୧୩ଟି ଗୀତର ସମାହାରରେ ଏହାର ପରିସମାପ୍ତି କରିଛନ୍ତି । ଅର୍ଥାତ୍ ଶ୍ରୀରାମଙ୍କ ହସ୍ତରେ ରାବଣବଧ ହେବା ପରେ ଲଙ୍କାକଟକରୁ ମା'ସୀତାଙ୍କୁ ସଂଗତରେ ଘେନି ଅଯୋଧ୍ୟା ଅଭିମୁଖେ ପ୍ରତ୍ୟାବର୍ତ୍ତନ ପୂର୍ବକ ଅଯୋଧ୍ୟା ରାଜସିଂହାସନରେ ସପତ୍ନୀକ ରାଜାଭିଷେକ ଉତ୍ସବ ପାଳନ ହୋଇଛି ଏବଂ ପରବର୍ତ୍ତୀ ସମୟରେ ରାଜା ରାମଚନ୍ଦ୍ର ଅଯୋଧ୍ୟା କଟକର ସମ୍ରାଟ ହିସାବରେ ପ୍ରଜାନୁରଂଜନ ରାଜା ଭାବରେ ରାଜ୍ୟ ଶାସନ କରିଛନ୍ତି । ଏହିଠାରେ କବି ରଘୁନାଥ ଦାସ ରାମାୟଣୀୟ ପ୍ରସଙ୍ଗକୁ ସଂପୂର୍ଣ୍ଣ ବିଶ୍ରାମ ଦେଇଛନ୍ତି । କିନ୍ତୁ; କବି ବିଶ୍ୱନାଥ

ଖୁଣ୍ଟିଆଙ୍କ ପରି ଉତ୍ତରାକାଣ୍ଡର ବର୍ଣ୍ଣନା କରିଥିବାର ଦେଖାଯାଏ ନାହିଁ । କବି ରଘୁନାଥ ଦାସଙ୍କ ରାମଲୀଳା ରାମଜନ୍ମଠାରୁ ଅଭିଷେକ ପର୍ଯ୍ୟନ୍ତ ବର୍ଣ୍ଣନା ମଧ୍ୟରେ ସୀମିତ ରହିଛନ୍ତି । କିନ୍ତୁ; ଅଭିଷେକ ପରେ ଶ୍ରୀରାମ ବ୍ରହ୍ମାଙ୍କ ପରାମର୍ଶରେ ନଗର ପ୍ରଦକ୍ଷିଣରେ ବାହାରିବା କଥାବସ୍ତୁ ଲୀଳା ମାଧ୍ୟମରେ ବର୍ଣ୍ଣନା କରି, କବି ରଘୁନାଥ ଦାସ ଉତ୍ତରାକାଣ୍ଡର ଦୁଃଖାନ୍ତ ଲୀଳାରୁ ସ୍ୱରଚିତ ପୁସ୍ତକଟିକୁ ମୁକ୍ତ କରିଛନ୍ତି ।

ଓଡ଼ିଆ ରାମଲୀଳା ସଂସ୍କୃତିରେ କବି ରଘୁନାଥ ଦାସଙ୍କ ରଚିତ ରାମଲୀଳା ଦୃଶ୍ୟକାବ୍ୟ ପର୍ଯ୍ୟାୟରେ ଦ୍ୱିତୀୟସ୍ଥାନ ଅଧିକାର କରି ଉତ୍କଳୀୟ ଲୀଳାସଂସ୍କୃତିକୁ ବେଶ୍ ରୁଦ୍ଧିମନ୍ତ କରିପାରିଛି ।

**ସଂକେତ ସୂଚୀ :**

୧. ମିଶ୍ର, ନୀଳମଣି : ରାମଲୀଳା (୧ମ ଭାଗ), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପୃ.୫୦

୨. ମିଶ୍ର, ନୀଳମଣି : ରାମଲୀଳା (୧ମ ଭାଗ), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପୃ. ଭୂମିକା-'କ'

୩. ମିଶ୍ର, ନୀଳମଣି : ରାମଲୀଳା (୧ମ ଭାଗ), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପୃ. ଭୂମିକା-'କ'

୪. ମିଶ୍ର, ନୀଳମଣି : ରାମଲୀଳା (୧ମ ଭାଗ), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପୃଷ୍ଠା. ଭୂମିକା-'ଖ'

୫. ମିଶ୍ର, ନୀଳମଣି : ରାମଲୀଳା (୧ମ ଭାଗ), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପୃଷ୍ଠା. ଭୂମିକା-'ଥ'

୬. ମିଶ୍ର, ନୀଳମଣି : ରାମଲୀଳା (୧ମ ଭାଗ), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପୃଷ୍ଠା. ଭୂମିକା-'ଥ'

୭. ମିଶ୍ର, ନୀଳମଣି : ରାମଲୀଳା (୧ମ ଭାଗ), ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପୃଷ୍ଠା. ଭୂମିକା-'ଧ'